# ସ୍ୱାଗତମ୍ ପ୍ରଧାନମନ୍ତ୍ରୀ

୧୫/୦୫/୧୯୮୯

ପ୍ରଧାନମନ୍ତ୍ରୀ ଆଜି ଓଡ଼ିଶା ଆସୁଛନ୍ତି । ସେ ଢେଙ୍କାନାଳ ଜିଲ୍ଲାର କଣିହା ଠାରେ ଏକ ବୃହତ ତାପଜ ବିଦ୍ୟୁତ ପ୍ରକଳ୍ପର ଶୁଭାରମ୍ଭ କରିବା ସଙ୍ଗେ ସଙ୍ଗେ ସଂଧ୍ୟାରେ ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିବା ମହିଳା କଂଗ୍ରେସର ଜାତୀୟ ସମାବେଶରେ ଉଦ୍‌ବୋଧନ ଦେବେ । ଆମେ ଏହି ଅବସରରେ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ଏବଂ ସ୍ୱାଗତ କରୁଛୁ ।

ପ୍ରଧାନମନ୍ତ୍ରୀଙ୍କର ଆଗମନ ଓଡ଼ିଶା ପାଇଁ ସବୁଦିନେ ଉଲ୍ଲେଖନୀୟ ହୋଇ ରହି ଆସିଅଛି । ଓଡ଼ିଶାବାସୀ ସବୁବେଳେ ପ୍ରଧାନମନ୍ତ୍ରୀଙ୍କୁ ଅତି ଆନ୍ତରିକତାର ସହ ଗ୍ରହଣ କରିଆସିଛନ୍ତି । ପ୍ରଧାନମନ୍ତ୍ରୀମାନେ ମଧ୍ୟ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆସିଛନ୍ତି । ପଣ୍ଡିତ ନେହରୁ ଓଡ଼ିଶାକୁ ସ୍ୱତନ୍ତ୍ର ଭାବେ ଦେଖୁଥିଲେ । ନୂଆ ରାଜଧାନୀ ଭୁବନେଶ୍ୱରର ଶିଳାନ୍ୟାସ, ପାରାଦୀପ ବନ୍ଦରର କଳ୍ପନା, ହୀରାକୁଦ ବନ୍ଧ ଏବଂ ରାଉରକେଲାର ଇସ୍ପାତ ଶିଳ୍ପ ପ୍ରତିଷ୍ଠା ତାଙ୍କରି ଅମଳରେ ଏବଂ ଆନ୍ତରିକ ଉଦ୍ୟମ ଫଳରେ ସମ୍ଭବ ହୋଇଥିଲା । ଶ୍ରୀମତୀ ଗାନ୍ଧୀ ମଧ୍ୟ ଓଡ଼ିଶାକୁ ଭଲ ପାଉଥିଲେ ଏବଂ ଓଡ଼ିଶାବାସୀଙ୍କୁ ଅତି ଆପଣାର କରି ପାରିଥିଲେ । ଦୀର୍ଘ ଦିନର ରାଜନୈତିକ ଅସ୍ଥିରତା ପରେ ତାଙ୍କରି ନେତୃତ୍ୱ ଫଳରେ ଓଡ଼ିଶାରେ ରାଜନୈତିକ ସ୍ଥିରତା ଆସିଲା । ଆଦିବାସୀ ଅଧ୍ୟୁଷିତ, ବନ୍ୟା ଏବଂ ବାତ୍ୟା ପ୍ରପୀଡ଼ିତ ଓଡ଼ିଶାର ଗରିବ ଜନସାଧାରଣଙ୍କର ସର୍ବବିଧ ଉନ୍ନତି ପାଇଁ ସେ ସବୁବେଳେ ଚିନ୍ତିତ ଥିଲେ । ବିଶେଷ କରି ଦୀର୍ଘଦିନର ଅବହେଳା ଏବଂ କ୍ରମାଗତ ମରୁଡ଼ିର ଶିକାର ହୋଇଥିବା ଆଦିବାସୀ ଭାଇଭଉଣୀମାନଙ୍କ ପାଇଁ ତାଙ୍କର ବିଶେଷ ଦରଦ ଥିଲା । ଏ ଅଞ୍ଚଳର ଭାଇ ଭଉଣୀମାନେ ମଧ୍ୟ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତ୍ରୀ ଭାବେ ନ ଦେଖି ମାଆ ବୋଲି କହି ଅତି ନିଜର କରିପାରିଥିଲେ । ଓଡ଼ିଶା ସହିତ ଶ୍ରୀମତୀ ଗାନ୍ଧୀଙ୍କର ସଂପର୍କ ଥିଲା ସ୍ୱତନ୍ତ୍ର ଓ ଅତି ନିବିଡ଼ ।ପ୍ରକୃତରେ ମଧ୍ୟ ଶ୍ରୀମତୀ ଗାନ୍ଧୀଙ୍କର ଶେଷ ସଭା, ଯାହାର ଉଦ୍‌ବୋଧନ ଆଜି ପ୍ରତ୍ୟେକ ଭାରତୀୟଙ୍କୁ ଉଦ୍‌ବୁଦ୍ଧ କରୁଛି, ଏହି ଭୁବନେଶ୍ୱରରେ ହିଁ ଅନୁଷ୍ଠିତ ହୋଇଥିଲା ।

ତେଣୁ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କର ଓଡ଼ିଶା ଆଗମନ କଥା ଚିନ୍ତା କଲାବେଳେ ଅନୁରୂପ ଆବେଗ ଓ ଅଭିମାନ ଜାଗ୍ରତ ହେବା ସ୍ୱାଭାବିକ । ଆଜି ଓଡ଼ିଶାର ସର୍ବବିଧ ଉନ୍ନତି ପଥରେ ଯାହା ସବୁ ଅନ୍ତରାୟ ହୋଇ ଦେଖାଦେଉଛି, ସେସବୁକୁ ପ୍ରତିହତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ସମର୍ଥନ, ସହଯୋଗ ଏବଂ ସହାନୁଭୂତି ଆମେ ଆଶା କରୁଛୁ । ଆଜିର ବିଦ୍ୟୁତ ପ୍ରକଳ୍ପର ଶିଳାନ୍ୟାସ କରି ସେ ଏ ପର୍ବର ଶୁଭାରମ୍ଭ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ, ଓଡ଼ିଶାର ଅଧିକାଂଶ ନିଜସ୍ୱ ସଂପଦ ଖଣି ଭିତ୍ତିକ ହୋଇ ଥିବାରୁ ଏବଂ ଏଗୁଡ଼ିକର ଉପଯୁକ୍ତ ବିନିଯୋଗ ପାଇଁ ବିଦ୍ୟୁତ ଶକ୍ତିର ଏକାନ୍ତ ଆବଶ୍ୟକତା ରହିଥିବାରୁ ପ୍ରସ୍ତାବିତ ତାପଜ ବିଦ୍ୟୁତ ପ୍ରକଳ୍ପ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜଳବିଦ୍ୟୁତ ପ୍ରକଳ୍ପ ଗୁଡ଼ିକ ଉପରେ ନିର୍ଭରକରି ରହିଥିବା ଓଡ଼ିଶାରେ ବିଦ୍ୟୁତଶକ୍ତିର ପ୍ରାଚୁର୍ଯ୍ୟ ଥିଲା ବୋଲି ଏଇ ମାତ୍ର କେଇ ବର୍ଷ ତଳେ କୁହାଯାଉଥିଲା । କ୍ରମାଗତ ଅନାବୃଷ୍ଟି ଓ ମୌସୁମୀ ପ୍ରବାହର ଅନିଶ୍ଚିତତା ଏବଂ ନୂତନ ଶିଳ୍ପନୀତିର ଫଳସ୍ୱରୂପ ଆଜି ଓଡ଼ିଶା ବିଦ୍ୟୁତଶକ୍ତି ଦୃଷ୍ଟିରୁ ନିଅଣ୍ଟିଆ ରାଜ୍ୟ ହୋଇପଡ଼ିଛି । ପୁଣି ସୀମିତ ଉତ୍ପାଦନ ସତ୍ତ୍ୱେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଖଣିଜ ସଂପଦ ଏବଂ ବିଜୁଳି ଶକ୍ତିକୁ ବହୁଳଭାବେ ବ୍ୟବହାର କରୁଥିବା ବହୁ ଶିଳ୍ପାନୁଷ୍ଠାନକୁ ବୈଦେଶିକ ମୁଦ୍ରା ଅର୍ଜନ କରିବା ପାଇଁ ଅଗ୍ରାଧିକାର ଭିତ୍ତିରେ ଏବଂ ସୁବିଧା ଦରରେ ବିଦ୍ୟୁତଶକ୍ତି ଯୋଗାଇ ଦେବାକୁ ପଡ଼ୁଛି । ଏହା ଓଡ଼ିଶାର ଭାରତକୁ ଦାନ ।

ସେହିପରି ଓଡ଼ିଶାର ଭାବଗତ ଏକତା ଏବଂ ଅର୍ଥନୈତିକ ପ୍ରଗତି ପାଇଁ ପାରାଦୀପ ବନ୍ଦରକୁ ଅଧିକ ଗଭୀର ଏବଂ ଉପଯୋଗୀ କରିବାର ଯେତିକି ଆବଶ୍ୟକତା ରହିଛି, ଭାରତୀୟ ରେଳବାଇର ସମ୍ବଲପୁର ଡିଭିଜନ ସ୍ଥାପନକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ପାରାଦୀପ ବନ୍ଦର ଏବଂ ଓଡ଼ିଶାର ଅନ୍ୟାନ୍ୟ ଶିଳ୍ପ ଏବଂ ଖଣି ଅଞ୍ଚଳ ସହ ରେଳଲାଇନ ସଂଯୋଗ ସ୍ଥାପନର ମଧ୍ୟ ସେତିକି ଦାୟିତ୍ୱ ରହିଛି । ଏହାଛଡ଼ା ଗୋପାଳପୁର ବନ୍ଦରକୁ ସବୁଦିନିଆ ବନ୍ଦର କରିବାରେ ଏବଂ ପାରାଦୀପଠାରେ ଏକ ତୈଳ ପ୍ରକଳ୍ପ ପାଇଁ ଯଥେଷ୍ଟ ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ଏହା ଦ୍ୱାରା ଓଡ଼ିଶାର ପ୍ରଭୂତ ଉନ୍ନତି ସାଧିତ ହୋଇପାରିବ । ଅନ୍ୟ ଦୃଷ୍ଟିରୁ ଯେତେ ସାହାଯ୍ୟ ସହଯୋଗ ମିଳିଲେ କିମ୍ବା କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଏକାଧିକ ବାର ପ୍ରଥମ ହେଲେ ମଧ୍ୟ ଆଜିର ପରିପ୍ରେକ୍ଷୀରେ ରାଜ୍ୟର ସ୍ୱାଭିମାନ ଏବଂ ଆତ୍ମ ବିଶ୍ୱାସ ପାଇଁ ଗୋଟିଏ ଦୁଇଟି ଆଖିଦୃଶିଆ ବୃହତ୍ ଶିଳ୍ପ ଆମ ଜାତୀୟ ଜୀବନ ପାଇଁ ଏକ ଆବେଗିକ ଆବଶ୍ୟକତା ହୋଇ ଉଠିଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ଏବେ ମଧ୍ୟ ଆମ ଭିତରେ ଅସନ୍ତୋଷ ଏବଂ ଅବଶୋଷ ରହିଯାଉଛି । ଓଡ଼ିଶାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସବୁ ପ୍ରକାର ଯୁକ୍ତି ଏବଂ ପରିବେଶ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏ ବିଷୟରେ କୌଣସି ଅଗ୍ରଗତି ହୋଇ ପାରି ନ ଥିବାରୁ ଚିନ୍ତାଶୀଳ ବୁଦ୍ଧିଜୀବୀ ସଂପ୍ରଦାୟ ଉତ୍ସାହ ହରାଉଛନ୍ତି । ଓଡ଼ିଶାର ଅର୍ଥନୈତିକ ଅବସ୍ଥାକୁ ସାମଗ୍ରିକ ଭାବେ ବିଚାର କଲେ ଆମେ ଯେ ଆଦୌ ସ୍ୱଚ୍ଛଳ ନୋହୁଁ ଏକଥା ସବୁବେଳେ ଆମର ଆତ୍ମବିଶ୍ୱାସ ଏବଂ ଉଚ୍ଚାକାଂକ୍ଷାକୁ ଆଘାତ ଦେଉଛି । ଓଡ଼ିଶାର ସବୁ ସମ୍ବଳ ଦୈନନ୍ଦିନ ଘର ଚଳାଇବାରେ ଖର୍ଚ୍ଚ ହୋଇଯାଉଛି । ଦୀର୍ଘଦିନର ଅବହେଳା ପରେ ସବୁଦୃଷ୍ଟିରୁ ମୁଣ୍ଡ ଟେକି ଛିଡ଼ା ହେବା ପାଇଁ ଚେଷ୍ଟା କଲାବେଳକୁ ନିଜସ୍ୱ ସମ୍ବଳର ଅଭାବ ପ୍ରଧାନ ଅନ୍ତରାୟ ହୋଇ ବାଧା ଦେଉଛି । ନିଜସ୍ୱ ସମ୍ବଳ ସଂଗ୍ରହ କରିବା ପାଇଁ ରାଜ୍ୟ ସରକାରଙ୍କର ଯତ୍‌କିଞ୍ଚିତ୍ ଅଧିକାର ଏବଂ ସୁଯୋଗ ରହିଛି ତାହା ଅନ୍ୟରାଜ୍ୟମାନଙ୍କ ସହିତ ସର୍ବଭାରତୀୟ ପ୍ରତିଯୋଗିତାରେ ସଙ୍କୁଚିତ ହୋଇଯାଉଅଛି । ସବୁଚେଷ୍ଟା ସତ୍ତ୍ୱେ ଆମ ପ୍ରଗତିର ହାର ଧିମେଇ ଯାଉଛି । ତେଣୁ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ସ୍ୱୀକୃତି ଦେଇ ଏ ଅଭାବକୁ ଦୂର କରିବା ପାଇଁ ଆମେ ବରାବର ଦାବୀକରିଆସିଛୁ ।

ଅତୀତରେ ଓଡ଼ିଶାର ଅବହେଳା ଏବଂ ଅନଗ୍ରସରତା ପାଇଁ ରାଜନୈତିକ ଅସ୍ଥିରତାକୁ ମୁଖ୍ୟତଃ ଦାୟୀ କରାଯାଉଥିଲା । ଏକ ସ୍ଥାୟୀ ଏବଂ ଦୃଢ଼ ସରକାର ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ପ୍ରଥମେ ଦାବୀ କରିଥିଲେ ଏବଂ ଓଡ଼ିଶାବାସୀ ତାଙ୍କୁ ସମ୍ମାନ ଜଣାଇ ପ୍ରଥମ ଥର ପାଇଁ ଅଭୂତପୂର୍ବ ସମର୍ଥନ ଜଣାଇଲେ । ପୁଣି ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ଆହ୍ୱାନକ୍ରମେ ଏ ସମର୍ଥନକୁ ଅତୁଟ ରଖାଗଲା । ଆଜି ଉଭୟ ଲୋକସଭା ଓ ରାଜ୍ୟସଭାରେ ଓଡ଼ିଶାର ପ୍ରତିନିଧିତ୍ୱ କେବଳ କଂଗ୍ରେସ ହିଁ କରୁଛି । ବିରୋଧୀଦଳର ଲେଶମାତ୍ର ସତ୍ତା ନାହିଁ । ରାଜ୍ୟ ବିଧାନସଭାରେ ପ୍ରାୟ ଶତକଡ଼ା ୮୦ ଭାଗ ସ୍ଥାନ କଂଗ୍ରେସ ଦଳ ହାସଲ କରିଛି । ଏହା କେବଳ ସମ୍ଭବ ହୋଇପାରିଛି ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏବଂ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ବଳିଷ୍ଠ ନେତୃତ୍ୱ ଯୋଗୁ । କୌଣସି ପ୍ରଧାନମନ୍ତ୍ରୀ ଏତେ ପରିମାଣରେ ରାଜନୈତିକ ଏବଂ ଆବେଗିକ ସମର୍ଥନ ଅତୀତରେ ପାଇ ନ ଥିଲେ କି ଭବିଷ୍ୟତରେ ଏହାଠାରୁ ଅଧିକ ସମର୍ଥନ ଆଉ କେହି ପାଇପାରିବେ ନାହିଁ ବୋଲି ଆମର ବିଶ୍ୱାସ । ଆଜି ତେଣୁ ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାବାସୀଙ୍କ ସହିତ ଥିବା ଯେଉଁ ପରମ୍ପରାଗତ ସଂପର୍କର ନୂତନ ଅଧ୍ୟାୟ କଣିହାଠାରେ ଆରମ୍ଭ ହୋଇଛି ତାହା ସମ୍ପୂର୍ଣ୍ଣ ହେଉ, ଏହାହିଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଆମର ନିବେଦନ ।

**ସୌମ୍ୟରଂଜନ ପଟ୍ଟନାୟକ**